# ଓଡ଼ିଶା ସୂଚନା ସେବାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ପଦନ୍ନୋତି

## ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ଶୁଭେଚ୍ଛା

ଭୁବନେଶ୍ୱର, ୨୪/୦୬ / ୨୦୨୬

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ପ୍ରକ୍ରିୟାରେ ଓଡ଼ିଶା ସୂଚନା ସେବା କ୍ୟାଡରର ୩ ଜଣ ବରିଷ୍ଠ  ଉପ-ନିର୍ଦ୍ଦେଶକଙ୍କୁ ଯୁଗ୍ମ-ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି । ମାନ୍ୟବର ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଜୟଦେବ ଭବନସ୍ଥିତ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ପଦବୀରେ ଥିବା ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ଭାବେ ପଦନ୍ନୋତି ଦିଆଯାଇଛି ଏବଂ ସେ ଜୟଦେବ ଭବନ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ଦାୟିତ୍ୱ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ । ସେହିପରି ବିଭାଗର ସମ୍ବଲପୁରସ୍ଥିତ ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ (ଉତ୍ତରାଞ୍ଚଳ ଡିଭିଜନ)ର ଉପ-ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଶ୍ରୀମତୀ କଲ୍ୟାଣୀ ଦାଶଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ମଧ୍ୟ ଉତ୍ତରାଞ୍ଚଳ ଉପ ନିର୍ଦ୍ଦେଶିକା ଭାବେ  ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ରାଜ୍ୟ ମୁଖ୍ୟ ଦପ୍ତରର ଉପ-ନିର୍ଦ୍ଦେଶକ (କ୍ଷେତ୍ର-୧) ଭାବେ କାର୍ଯ୍ୟରତ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ( କ୍ଷେତ୍ର) ଭାବେ ପଦନ୍ନୋତି ପ୍ରଦାନ କରାଯାଇଛି ।

ଓଡ଼ିଶା ସୂଚନା ସେବା ସଂଘର ସଦସ୍ୟ ସଦସ୍ୟାମାନେ ପଦନ୍ନୋତି ପାଇଥିବା ସମସ୍ତ ତିନିଜଣ ଯୁଗ୍ମ-ନିର୍ଦ୍ଦେଶିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।  ଏହା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସହକର୍ମୀମାନେ ନୂତନ ଯୁଗ୍ମ-ନିର୍ଦ୍ଦେଶିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ସଫଳତା କାମନା କରିଛନ୍ତି । ସେମାନଙ୍କର ଏହି ପଦୋନ୍ନତି ବିଭାଗର କାର୍ଯ୍ୟଧାରାକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବ ବୋଲି ସଂଘ ଆଶା ପ୍ରକାଶ କରିଛି ।

ବିଭୂତି ନାୟକ
ଲୋକ ସଂପର୍କ ଅଧିକାରୀ